# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 October - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ସାମୁଦ୍ରିକ ଝଡ଼ 'ଦାନା' ପାରାଦ୍ୱୀପ ଉପକୂଳଠାରୁ ଦକ୍ଷିଣ ପୂର୍ବ ଦିଗରେ ୨୧୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ

– ଆଜି ବିଳମ୍ବିତ ରାତି କିମ୍ବା ଆସନ୍ତାକାଲି ସକାଳ ସୁଦ୍ଧା ଭିତରକନିକା ଓ ଧାମରା ମଧ୍ୟରେ ସ୍ପର୍ଶ କରିବ ଉପକୂଳ

– ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ; କହିଲେ ମୁଖ୍ୟମନ୍ତ୍ରୀ

– ପ୍ରଭାବିତ ଅଞ୍ଚଳରୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି

– ପ୍ରାଣୀ ସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱ ଦେଲେ ବିଭାଗୀୟ ମନ୍ତ୍ରୀ

ଏବଂ

- ବିଶ୍ୱରେ ଶାନ୍ତି, ସୁରକ୍ଷା ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ନେଇ ଆଜି ପାଳିତ ହେଉଛି ମିଳିତ ଜାତିସଂଘ ଦିବସ

# ବାତ୍ୟା 'ଦାନା'

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଭୀଷଣ ସାମୁଦ୍ରିକ ଝଡ଼ରେ ପରିବର୍ତ୍ତିତ ହୋଇସାରିଛି । ଏହି ଝଡ଼ 'ଦାନା' ଓଡ଼ିଶା ଉପକୂଳ ଆଡ଼କୁ ଅଗ୍ରସର ହେବା ସହ ଭିତରକନିକା ଏବଂ ଧାମରା ମଧ୍ୟରେ ଆଜି ବିଳମ୍ବିତ ରାତି କିମ୍ବା ଆସନ୍ତାକାଲି ସକାଳ ସୁଦ୍ଧା ଉପକୂଳ ସ୍ପର୍ଶ କରିବାର ସମ୍ଭାବନା ରହିଛି । ଏହି ଝଡ଼ କ୍ରମଶଃ ପଶ୍ଚିମ ଏବଂ ଦକ୍ଷିଣ ପଶ୍ଚିମ ଦିଗରେ ଗତି କରିବାକୁ ଥିବାରୁ ଆଭ୍ୟନ୍ତରୀଣ ତଥା ରାଜ୍ୟର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଉପକୂଳ ସ୍ପର୍ଶ ସମୟରେ ପବନର ବେଗ ୧୦୦ରୁ ୧୨୦ କିଲୋମିଟର ପର୍ଯ୍ୟନ୍ତ ହୋଇପାରେ । କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲା ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି । ସମୁଦ୍ରରେ ପାଖାପାଖି ୨ ମିଟର ଉଚ୍ଚର ଜୁଆର ଆସିପାରେ । ଜଗତସିଂହପୁର ଉପକୂଳ ଅଞ୍ଚଳରେ ମଧ୍ୟ ବାତ୍ୟାର ପ୍ରଭାବ ପରିଲକ୍ଷିତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ପାରାଦ୍ୱୀପ ଉପକୂଳଠାରୁ ଦକ୍ଷିଣ-ପୂର୍ବ ଦିଗରେ ୨୧୦ କିଲୋମିଟର ଏବଂ ଧାମରାଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୨୪୦ କିଲୋମିଟର ଦୂରରେ ସାମୁଦ୍ରକ ଝଡ଼ କେନ୍ଦ୍ରୀଭୂତ ହୋଇଛି । ଏ ସମ୍ପର୍କରେ ଅଧିକ ତଥ୍ୟ ଦେଇ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି...

**- V/O -**

ବାତ୍ୟା ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିଛନ୍ତି। ତଳିଆ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ଲୋକଙ୍କୁ ସ୍ଥାନାନ୍ତର କରାଯିବା ସହିତ ପ୍ରଭାବିତ ଅଞ୍ଚଳରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ତଥା ପୁଲିସ ମୁତୟନ କରାଯାଇଛି। ୧୧ଟି ଜିଲ୍ଲାର ୩୮ଟି ବ୍ଲକ ଏବଂ ୯ଟି ପୌରାଞ୍ଚଳ ପ୍ରଭାବିତ ହୋଇପାରେ। ୧ହଜାର ୬୫୩ଟି ଗ୍ରାମ ପ୍ରଭାବିତ ହେବାର ଆଶଙ୍କା ରହିଛି। ୩ ଲକ୍ଷ ଲୋକଙ୍କୁ ଇତିମଧ୍ୟରେ ସ୍ଥାନାନ୍ତର କରାଯାଇସାରିଲାଣି। ୨ହଜାର ୩୩୮ ଜଣ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ୭ ହଜାର ୨୮୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ କାର୍ଯ୍ୟକ୍ଷମ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ୧୯ଟି ଏନ୍‌ଡିଆର୍‌ଏଫ୍ ଏବଂ ୯୨ଟି ମେଡିକାଲ ଟିମ୍‌କୁ ନିୟୋଜିତ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ କରାଯାଇଛି। ବାତ୍ୟା ପରବର୍ତ୍ତୀ ପରିସ୍ଥିତି ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ରନ୍ଧା ଖାଦ୍ୟ, ବିଦ୍ୟୁତ ଯୋଗାଣ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ସରକାର  ପଦକ୍ଷେପ ଗ୍ରହଣ କରିଛନ୍ତି। ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି...

**- V/O -**

ବାତ୍ୟାର ପ୍ରଭାବ ସମ୍ଭାବ୍ୟ ଅଞ୍ଚଳଗୁଡ଼ିକରେ ପରିଲକ୍ଷିତ ହୋଇଛି। ଉପକୂଳ ଅଞ୍ଚଳରେ ପବନର ବେଗ ବୃଦ୍ଧି ପାଇବା ସହ କେତେକ ସ୍ଥାନରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରାପଡ଼ା ସମ୍ବାଦଦାତା ନିହାର ରଞ୍ଜନ ସାହୁ କହିଛନ୍ତି...

**- V/O -**

ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପାଇଁ ପରାମର୍ଶ ଦିଆଯାଇଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି, ବାତ୍ୟାର ପ୍ରଭାବରେ ଆସନ୍ତା ଶନିବାର ଦକ୍ଷିଣ-ଓଡ଼ିଶାରେ ଅଧିକ ବର୍ଷା ହୋଇପାରେ। କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ ଦେଇ ବାତ୍ୟା ଅତିକ୍ରମ କରିବାର ସମ୍ଭାବନା ରହିଛି। ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ ଏବଂ ଖୋର୍ଦ୍ଧାରେ ଅଧିକ ବର୍ଷାର ସମ୍ଭାବନା ରହିଛି। ତେବେ ଆସନ୍ତାକାଲି ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବୌଦ୍ଧ ଏବଂ ନୟାଗଡ଼ ଦେଇ ବାତ୍ୟାର କିଛି ଅଂଶ ଅତିକ୍ରମ କରିବ ବୋଲି ସେ ସୂଚନା ଦେଇଛନ୍ତି। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ଗଜପତି, କଳାହାଣ୍ଡି ଓ କନ୍ଧମାଳର ବିଭିନ୍ନ ଅଞ୍ଚଳରେ ଆସନ୍ତା ଶନିବାର ଦିନ ବର୍ଷା ହେବ। ଭୁବନେଶ୍ୱରର ବିଜୁପଟ୍ଟନାୟକ ଆନ୍ତର୍ଜାତିକ

ବିମାନବନ୍ଦରରୁ ବିମାନ ସେବା  ଆଜି ଅପରାହ୍ଣ ୫ଟାରୁ ଆସନ୍ତାକାଲି ସକାଳ ୯ଟା ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଝଡ଼ର ପ୍ରଭାବକୁ ଦୃଷ୍ଟିରେ ରଖି ଭିତରକନିକା ଜାତୀୟ ଉଦ୍ୟାନକୁ ଗତକାଲିଠାରୁ ତିନିଦିନ ପାଇଁ ବନ୍ଦ ରଖାଯାଇଛି। ରାଜ୍ୟର ପ୍ରାଚୀନ କୀର୍ତ୍ତିରାଜି ସ୍ଥଳଗୁଡ଼ିକ ମଧ୍ୟ ଆଜି ଏବଂ ଆସନ୍ତାକାଲି ଦୁଇଦିନ ପାଇଁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଓଡ଼ିଶା ହାଇକୋର୍ଟର କୋର୍ଟ କାର୍ଯ୍ୟକୁ ଆଜି ଏବଂ ଆସନ୍ତାକାଲି ଦୁଇଦିନ ପାଇଁ ବାତିଲ କରାଯାଇଛି। ତେବେ ଏହା ବଦଳରେ ଅସାନ୍ତାମାସ ୩୦ ତାରିଖ ଏବଂ ଡିସେମ୍ବର ୭ ତାରିଖ ଦିନ ହାଇକୋର୍ଟ ଅଦାଲତ କାର୍ଯ୍ୟ ଜାରି ରହିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

ଧାମରା, ପାରାଦ୍ୱୀପ ଏବଂ ପୁରୀ ଉପକୂଳରେ ୧୦ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଭଦ୍ରକ ଜିଲ୍ଲା ଧାମରା ବ୍ଲକର ପ୍ରଭାବିତ ଅଞ୍ଚଳରୁ ୨୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରୁ ସ୍ଥାନାନ୍ତର କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଶ୍ରୟସ୍ଥଳୀଗୁଡ଼ିକ ବୁଲି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଚାନ୍ଦବାଲିଠାରେ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏବଂ ପୁଲିସ ଆରକ୍ଷୀ ଅଧକ୍ଷକ ଏକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କ ସହ ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି ବୋଲି ଆମ ଭଦ୍ରକ ସମ୍ବାଦଦାତା ସୂଚନା ଦେଇଛନ୍ତି।

*Puri*

## ପୁରୀ– ବାତ୍ୟା ମୁକାବିଲା

ପୁରୀ ଜିଲ୍ଲାରେ ବାତ୍ୟା ସ୍ଥିତି ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ସମୀକ୍ଷା କରିଛନ୍ତି। ଅସ୍ତରଙ୍ଗ ଗସ୍ତରେ ଯାଇ ସେଠାରେ ବ୍ଲକ କାର୍ଯ୍ୟାଳୟଠାରେ ବିଭାଗୀୟ ଅଧିକାରୀଙ୍କ ସହ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି। ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବୁଲିବା ସହିତ ସ୍ଥିତି ନେଇ ସମୀକ୍ଷା କରିଛନ୍ତି। ପୁରୀ ସମ୍ବାଦଦାତାଙ୍କଠାରୁ ମିଳିଥିବା ଖବର ଅନୁଯାୟୀ, ଅସ୍ତରଙ୍ଗ, କାକଟପୁର ଅଞ୍ଚଳରେ ପବନର ବେଗ ବଢ଼ିବା ସହିତ ତୁହାକୁ ତୁହା ବର୍ଷା ଲାଗି ରହିଛି। ବିଭିନ୍ନ ସ୍ଥାନରେ ଗଛଡାଳ ଭାଙ୍ଗିପଡ଼ିଥିବା ଦେଖିବାକୁ ମିଳିଛି। ସେଗୁଡ଼ିକୁ ଓଡ୍ରାଫ୍ ଦଳ ସଫା କରି ଯାତାୟାତର ସୁବିଧା କରିଛନ୍ତି। ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପୁରୀରେ ମଧ୍ୟ ସକାଳୁ ଝିପିଝିପି ବର୍ଷା ଲାଗି ରହିଛି।

*CTC*

## କଟକ– ବାତ୍ୟା ସମୀକ୍ଷା

କଟକ ଜିଲ୍ଲାରେ ବାତ୍ୟା ପ୍ରସ୍ତୁତି ସମୀକ୍ଷା ନେଇ ଆଜି  କଟକଠାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ମାହାଙ୍ଗା, ନିଆଳି, ନିଶିନ୍ତକୋଇଲି ଅଞ୍ଚଳ ବାତ୍ୟାରେ ଅଧିକ ପ୍ରଭାବିତ ହେବା ଆଶଙ୍କା ରହିଛି। ଅନ୍ୟ ଅଞ୍ଚଳଗୁଡ଼ିକ ସହ ଏହି ୩ଟି ବ୍ଲକରେ ପ୍ରସ୍ତୁତି ନେଇ ଅଧିକ ନଜର ରଖିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ

ପରାମର୍ଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ, ପୋଲିସ, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଓ ବିଭିନ୍ନ ବିଭାଗର ବାତ୍ୟା ପ୍ରସ୍ତୁତି ନେଇ ମନ୍ତ୍ରୀ ସମୀକ୍ଷା କରିଥିଲେ। କଟକ ମହାନଗର ନିଗମ ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲା ପ୍ରଶାସନ ଏବଂ ପୁଲିସର ବରିଷ୍ଠ ପଦାଧିକାରୀଙ୍କ ସହିତ ବିଧାୟକ ଏନ୍‌ଡିଆରଏଫ୍ ଟିମ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀର ଅଧୀକାରୀ ଉପସ୍ଥିତ ଥିଲେ।

***Ganjam***

## ବାତ୍ୟା– ଗଞ୍ଜାମ

ଗଞ୍ଜାମ ଜିଲ୍ଲାରେ ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୧୪ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ ପାଇଁ ପଦକ୍ଷେପ ନିଆଯାଇଛି। ଏ ପର୍ଯ୍ୟନ୍ତ ୯ ହଜାର ଲୋକ ସ୍ଥାନାନ୍ତରିତ ହୋଇସାରିଥିବା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଜଣାପଡ଼ିଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ଏବଂ ଅନ୍ୟାନ୍ୟ ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି।

***HS***

## ବାତ୍ୟା – ପଶୁ ସୁରକ୍ଷା

ବାତ୍ୟା ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ପ୍ରାଣୀ ସମ୍ପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ

ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିବେଦନ କରିଛନ୍ତି। ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ଅନେକ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଛନ୍ତି। ଆହତ ଓ ଅସୁବିଧାରେ ଥିବା ପଶୁ ପାଇଁ ୧୯୬୨ ନମ୍ବର ଜରିଆରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି।

***Desk***

## ଜାତିସଂଘ ଦିବସ

ମିଳିତ ଜାତିସଂଘ ଦିବସ ଆଜି ପାଳନ କରାଯାଉଛି। ବିଶ୍ୱରେ ଶାନ୍ତି, ସୁରକ୍ଷା, ସୌହାର୍ଦ୍ଦ୍ୟ, ମାନବିକ ସହାୟତା ବୃଦ୍ଧି ଦିଗରେ ଜାତିସଂଘଣ କାର୍ଯ୍ୟକୁ ସମ୍ମାନ ଜଣାଇ ପ୍ରତ୍ୟେକ ବର୍ଷ ଅକ୍ଟୋବର ୨୪ ତାରିଖକୁ ଏହି ଦିବସ ପାଳନ କରାଯାଉଛି। ୧୯୪୫ ମସିହାରେ ସରକାରୀ ଭାବେ ପ୍ରତିଷ୍ଠା କରାଯାଇଥିଲା। ଏହାର ପ୍ରତିଷ୍ଠା ସମୟରେ ଜାତିସଂଘର ସଦସ୍ୟ ସଂଖ୍ୟା ୫୧ ରହିଥିବା ବେଳେ ବର୍ତ୍ତମାନ ୧୯୩ରେ ପହଁଞ୍ଚିଛି।

***HS***

## ଆଇଟିବିପି ପ୍ରତିଷ୍ଠା ଦିବସ

ଭାରତ-ତିବ୍ବତ ସୀମାସୁରକ୍ଷା ବାହିନୀ–ଆଇଟିବିପି ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ  ପ୍ରକୃତିର ଆହ୍ୱାନକୁ ପ୍ରତିହତ କରି କଠିନ ଜଳବାୟୁ ପରିସ୍ଥିତିରେ ଆଇଟିବିପି ଯବାନଙ୍କର କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ଶୁଭେଚ୍ଛା ଜଣାଇବା ସହ ଚରମ ପରିସ୍ଥିତିରେ ଦେଶକୁ ସୁରକ୍ଷା ଦେବାରେ ଆଇଟିବିପି ଯବାନମାନଙ୍କ ନିଷ୍ଠା ଏବଂ ସାହସିକତା ପାଇଁ ଦେଶ ଗର୍ବିତ ବୋଲି କହିଛନ୍ତି।